# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୃଫୈଷୟିକ ଫିଶ୍ୱଫିଦ୍ୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 07-04-2026**

**ଖୋର୍ଦ୍ଧା(ଓଡିଶା) - :2026-04-07 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-04-08 | 2026-04-09 | 2026-04-10 | 2026-04-11 | 2026-04-12 |
|---|---|---|---|---|---|
| ବର୍ଷା (ମିମି) | 16.0 | 7.0 | 5.0 | 1.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 35.0 | 35.0 | 36.0 | 36.0 | 37.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 22.0 | 21.0 | 21.0 | 21.0 | 22.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 89 | 90 | 90 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 52 | 47 | 43 | 27 | 18 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 18 | 18 | 11 | 2 |
| ପବନର ଦିଗ (ଡିଗ୍ରୀ) | 48 | 189 | 195 | 203 | 217 |
| ମେଘାଚ୍ଛନ (ଅକ୍ଟା) | 5 | 4 | 3 | 1 | 1 |
| ସତର୍କବାଣୀ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \| | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \| | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \| | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ୦୮ ଏପ୍ରିଲ ୨୦୨୬ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ବିଜୁଳି ଓ ଘଡଘଡି ସହିତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅରେଞ୍ଜ ସଙ୍କେତ ରହିଛି। ପରବର୍ତ୍ତୀ ଦିନଗୁଡିକରେ (୧୦ ଏପ୍ରିଲ ପର୍ଯ୍ୟନ୍ତ) ବିଜୁଳି ଓ ଘଡଘଡି ସହିତ ସ୍ୱଳ୍ପ ରୁ ଅତି-ସ୍ୱଳ୍ପ ବର୍ଷା ହେବାର ହଳଦିଆ ସଙ୍କେତ ରହିଛି । ଆକାଶର ପରିସ୍ଥିତି ପ୍ରଥମ ଦିନ (୦୮ ଏପ୍ରିଲ) ଏହି ଜିଲ୍ଲାରେ ସାଧାରଣତଃ ମେଘୁଆ ରହିବାକୁ ଥିବାବେଳେ, ପରବର୍ତ୍ତୀ ଦିନଗୁଡିକରେ ଆଂଶିକ ମେଘୁଆ ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆସନ୍ତା ୫ ଦିନ ପର୍ଯନ୍ତ ପବନର ବେଗ ହାରାହାରି ୦୨ ରୁ ୧୮ କି.ମି. ପ୍ରତି ଘଣ୍ଟା ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୫ ରୁ ୩୭ ଡିଗ୍ରୀ ସେଲସିଅସ ଓ ୨୧ ରୁ ୨୨ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

### ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

୦୮ ଏପ୍ରିଲ ୨୦୨୬ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ବିଜୁଳି ଓ ଘଡଘଡି ସହିତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅରେଞ୍ଜ ସଙ୍କେତ ରହିଛି। ପରବର୍ତ୍ତୀ ଦିନଗୁଡିକରେ (୧୦ ଏପ୍ରିଲ ପର୍ଯ୍ୟନ୍ତ) ବିଜୁଳି ଓ ଘଡଘଡି ସହିତ ସ୍ୱଳ୍ପ ରୁ ଅତି-ସ୍ୱଳ୍ପ ବର୍ଷା ହେବାର ହଳଦିଆ ସଙ୍କେତ ରହିଛି ।

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

ଫସଲ ଶୋଇଯିବା, ଶସ୍ୟର ଗୁଣବତ୍ତା ହ୍ରାସ, ଉଦ୍ୟାନ କୃଷିରେ ଫଳ ଝଡ଼ିବା (Fruit Drop), ବଜ୍ରପାତ ଯୋଗୁଁ ପଶୁସମ୍ପଦ ବିପଦ (Livestock Risk). ୧. ଯଦି ଫସଲ ୮୦-୮୫ ପ୍ରତିଶତ ପାଚିଯାଇଛି, ତେବେ ତୁରନ୍ତ ଅମଳ କରି ନିଅନ୍ତୁ ଏବଂ ଅମଳ ହୋଇଥିବା ଶସ୍ୟକୁ ସୁରକ୍ଷିତ ସ୍ଥାନରେ ବା ପଲିଥିନ୍ ଘୋଡ଼ାଇ ରଖନ୍ତୁ। ୨. ଜମିରେ ବର୍ଷା ପାଣି ଜମି ରହିଲେ ପନିପରିବା ଗଛର ଚେର ସଢ଼ିଯାଏ, ତେଣୁ ଜମିରୁ ଅତିରିକ୍ତ ଜଳ ବାହାର କରିବା ପାଇଁ ପୂର୍ବରୁ ନାଳ ପ୍ରସ୍ତୁତ ରଖନ୍ତୁ। ୩. ବର୍ଷା ଓ ପବନ ସମୟରେ ଜମିରେ ସାର କିମ୍ବା କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ। ୪. ପଶୁମାନଙ୍କୁ ଗଛ ତଳେ କିମ୍ବା ବିଦ୍ୟୁତ୍ ଖୁଣ୍ଟି ପାଖରେ ବାନ୍ଧନ୍ତୁ ନାହିଁ। ସେମାନଙ୍କୁ ସୁରକ୍ଷିତ ଚାଳି ଘରେ ରଖନ୍ତୁ। ୫. ବଜ୍ରପାତ ସମୟରେ ବିଲକୁ ଚାଷ କାମ ପାଇଁ ଯାଆନ୍ତୁ ନାହିଁ। ଯଦି ବାହାରେ ଅଛନ୍ତି, ତେବେ ପକ୍କା ଛାତ ତଳେ ଆଶ୍ରୟ ନିଅନ୍ତୁ।

### ସାଧାରଣ ଉପଦେଶ:

 ନଡା କିମ୍ବା ଅନ୍ୟାନ୍ୟ ଜୈବିକ ସାମଗ୍ରୀ ବ୍ୟବହାର କରି ପନିପରିବା କ୍ଷେତରେ ମଲ୍ଚିଂ କରନ୍ତୁ। ଏହା ମାଟିର ଆର୍ଦ୍ରତା ରକ୍ଷା କରିବ ଏବଂ ପରେ ତାପମାତ୍ରା ବଢ଼ିଲେ ବାଷ୍ପୀଭବନ କମ୍ କରିବ।  ଆର୍ଦ୍ର ଓ ମେଘାଚ୍ଛନ୍ନ ପାଣିପାଗ ଥ୍ରିପ୍ସ, ମାଇଟ୍ସ ଏବଂ ରୋଗ (ବ୍ଲାଇଟ୍, ରଟ୍) ବଢ଼ାଇପାରେ। କ୍ଷେତକୁ ନିୟମିତ ଯାଞ୍ଚ କରନ୍ତୁ। ଶୁଖିଲା ଦିନରେ ନିମ-ଆଧାରିତ ଔଷଧ କିମ୍ବା ସୁପାରିଶ କରାଯାଇଥିବା ଔଷଧ ପ୍ରୟୋଗ କରନ୍ତୁ। ବର୍ଷା ସମୟରେ ରାସାୟନିକ ଔଷଧ ସିଂଚନ ସ୍ଥଗିତ ରଖନ୍ତୁ ।  ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳବୈଶାଖୀ ବର୍ଷା ଯୋଗୁଁ ବାଦାମି ଗୁଣ୍ଡି ପୋକ ବା ଚକଡା ପୋକ ଆକ୍ରମଣ ଅଧିକ ସମ୍ଭାବନା ଅଛି । ଏହି ପୋକ ର ଆର୍ଥିକ ଦେହଳୀ ସୀମାରେଖା ଅର୍ଥାତ ୫-୧୦ଟି ପୋକ ବୁଦା ପ୍ରତି ଦେଖା ଦେଲେ ଧାନ ଗଛ ର ସୂକ୍ଷ୍ମ ପରିବେଶ କୁ ବଦଳେଇବା ଆବଶ୍ୟକ । ଯେପରିକି ଜମିକୁ କିଛି ଦିନ ଆଦ୍ର ଓ କିଛି ଦିନ ଶୁଖିଲା କରିବା ଅର୍ଥାତ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆ ପାଣି ରଖନ୍ତୁ ନାହିଁ ।  ବାଦାମି ଗୁଣ୍ଡି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଜବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ସୂର୍ଯାଲୋକ ଏବଂ ବାୟୁଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ ।  ବଜ୍ରପାତ ଓ ଝଡ଼ ସମୟରେ ପଶୁମାନଙ୍କୁ ସୁରକ୍ଷିତ ଘର ଭିତରେ ରଖନ୍ତୁ ଓ ପରିଷ୍କାର ପାନୀୟ ଜଳ ପିଇବାକୁ ଦିଅନ୍ତୁ ।  ବଜ୍ରପାତ ଓ ଝଡ଼ ସମୟରେ ଖୋଲା କ୍ଷେତରେ କାମ କରନ୍ତୁ ନାହିଁ। ବଜ୍ରପାତର ଶବ୍ଦ ଶୁଣିଲେ ତୁରନ୍ତ ନିରାପଦ ସ୍ଥାନରେ ଆଶ୍ରୟ ନିଅନ୍ତୁ।  ଖରାବେଳେ କ୍ଷେତରେ କାମ କରିବା ସମୟରେ ଚଉଡ଼ା ଟୋପି ଓ ହାଲୁକା ପୋଷାକ ପରିଧାନ କରନ୍ତୁ।

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

 ଆସନ୍ତା ୮ ରୁ ୧୦ ଏପ୍ରିଲ୍ ପର୍ଯ୍ୟନ୍ତ ବର୍ଷା ଏବଂ ଝଡ଼ର ସମ୍ଭାବନା ଥିବାରୁ, ଅମଳ, ବୁଣାବୁଣୀ, ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ କାର୍ଯ ସ୍ଥଗିତ ରଖନ୍ତୁ ।

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ବର୍ତ୍ତମାନ ସମୟରେ ଅଧିକ ତାପମାତ୍ରା ଓ ମଝିରେ ମଝିରେ କାଳ ବୈଶାଖୀ ବର୍ଷା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ଏବଂ ଧଳା ପିଠିଆ ଗଛ ଡିଆଁ ପୋକ ଲାଗିବାର ସମ୍ଭାବନା ଅଛି। ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଧାନ ଗଛ ର ସୂକ୍ଷ୍ମ ପରିବେଶ କୁ ବଦଳେଇବା ଆବଶ୍ୟକ । ଯେପରିକି ଜମିକୁ କିଛି ଦିନ ଆଦ୍ର ଓ କିଛି ଦିନ ଶୁଖିଲା କରିବା ଅର୍ଥାତ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆ ପାଣି ରଖନ୍ତୁ ନାହିଁ । ସୂର୍ଯାଲୋକ ଏବଂ ବାୟୁଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ । ଲେଡା ପୋକ – ଧାନ ଫସଲରେ ଲେଡା ପୋକର ଲାଗିବା ର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବ ରେ Lambda-cyhalothrin କିମ୍ବା ୨ ମିଲି ହିସାବ ରେ (Chlorpyriphos + Cypermethrin) ସିଂଚନ କରନ୍ତୁ । ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ । |
| ବିରି | ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ଧୂଆଁପତ୍ର ଗୋଟି ପୋକ ବା କାଳିମୁଣ୍ଡି ପୋକ ପୋକ ଗୁଡିକ ଗୋଟିଏ କିଆରି ରୁ ଅନ୍ୟ କିଆରି କୁ ନ ଯିବା ପାଇଁ ହିଡ ରେ ଏକର ପ୍ରତି ୧୦-କିଲୋଗ୍ରାମ Chlorpyriphos ଗୁଣ୍ଡ କୀଟନାଶକ ପ୍ରୟୋଗ କରନ୍ତୁ । ଏହି ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦ ଗ୍ରାମ Flubendiamide ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ । |
| ଆଖୁ | ଘାସୁଆ ରୁଗୁଡ଼ିଆ ରୋଗ ଘାସୁଆ ରୁଗୁଡ଼ିଆ ରୋଗର ପରିଚାଳନା ପାଇଁ ରୋଗ ବିହୀନ ଆଖୁ ବିହନ ଲଗାନ୍ତୁ । ଆକ୍ରାନ୍ତ ଗଛ କୁ ଓପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ । ଏହି ରୋଗ ର ବାହକ ଜଉ ପୋକ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦ ମି.ଲି. Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଘଂଟାସି ନ୍ୟାଠି | ଫଳ ପଚା ଓ ଆଗ ମରା ରୋଗ ଲଙ୍କାମରିଚ ଫସଲ ରେ ଫଳ ପଚା ଓ ଆଗ ମରା ରୋଗ ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ୭୦ % WP କିମ୍ବା ୧୦୦ ମିଲି Difenoconazole ୨୫ % EC କିମ୍ବା ୧୦୦ ମିଲି Azoxystrobin ୨୩ % SC, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପ୍ରଥମ ଫିମ୍ପିନାଶକ ଫୁଲ ଆସିବା ପୂର୍ବରୁ ଓ ଦ୍ଵିତୀୟ ଟି ଫଳ ଆସିବା ପରେ ସିଂଚନ କରନ୍ତୁ । |
| ଲଙ୍କା | ଫଳ ପଚା ଓ ଆଗ ମରା ରୋଗ ଲଙ୍କାମରିଚ ଫସଲ ରେ ଫଳ ପଚା ଓ ଆଗ ମରା ରୋଗ ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ୭୦ % WP କିମ୍ବା ୧୦୦ ମିଲି Difenoconazole ୨୫ % EC କିମ୍ବା ୧୦୦ ମିଲି Azoxystrobin ୨୩ % SC, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପ୍ରଥମ ଫିମ୍ପିନାଶକ ଫୁଲ ଆସିବା ପୂର୍ବରୁ ଓ ଦ୍ଵିତୀୟ ଟି ଫଳ ଆସିବା ପରେ ସିଂଚନ କରନ୍ତୁ । |
| ପ୍ରବଳ | □ ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ଵାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । |
| ଭେଣ୍ଡୀ | ସାହେବୀ ରୋଗ ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ର ନିୟନ୍ତ୍ରଣ ନିହାତି ଜରୁରୀ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ଶୁଖିଲା ପାଗ ଦେଖି ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାକୁଡି | କାଙ୍କେଡିଆ ପୋକ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ ମିଲି Profenophos ନାମକ କୀଟନାଶକ ମିଶାଇ ଶୁଖିଲା ପାଗ ଦେଖି ସିଂଚନ କରନ୍ତୁ । |
| ବାଇଗଣ | ଧଳା ମାଛି ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଆଠ ଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମି.ଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ଫସଲ ଶୋଇଯିବା, ଶସ୍ୟର ଗୁଣବତ୍ତା ହ୍ରାସ, ଉଦ୍ୟାନ କୃଷିରେ ଫଳ ଝଡ଼ିବା , ବଜ୍ରପାତ ଯୋଗୁଁ ପଶୁସମ୍ପଦ ବିପଦ. |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ଏପ୍ରିଲ ୮: ଅରେଞ୍ଜ୍ ୱାର୍ଣ୍ଣିଂ (Orange): ସମସ୍ତ କ୍ଷେତ୍ର କାର୍ଯ୍ୟ ବନ୍ଦ ରଖନ୍ତୁ; ଅମଳ ହୋଇଥିବା ଶସ୍ୟକୁ ସୁରକ୍ଷିତ ରଖନ୍ତୁ; ଜମିରୁ ଅତିରିକ୍ତ ଜଳ ବାହାର କରିବା ପାଇଁ ପୂର୍ବରୁ ନାଳ ପ୍ରସ୍ତୁତ ରଖନ୍ତୁ; ଗୋରୁଗାଈଙ୍କୁ ନିରାପଦ ସ୍ଥାନରେ ରଖନ୍ତୁ। ଏପ୍ରିଲ ୯–୧୧: ୟେଲୋ ୱାର୍ଣ୍ଣିଂ (Yellow): ପୋକ କିମ୍ବା କବକ (Fungus) ର ପ୍ରାଦୁର୍ଭାବ ଉପରେ ନଜର ରଖନ୍ତୁ; ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ; କୀଟନାଶକ ସ୍ପ୍ରେ କରନ୍ତୁ ନାହିଁ। |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**